'ନିର୍ମାଣ' ବିଶେଷ

ସଂସ୍କରଣ ୧/୨୧

# ଗୋଷ୍ଠୀ ବନ ସମ୍ପଦ ସୁପରିଚାଳନାର ମାନଦଣ୍ଡ ଓ ପରିସୂଚକ

ପ୍ରସ୍ତୁତି ଓ ଚିତ୍ରୋତ୍ତୋଳନ : ବିକାଶ ରଥ

ଇଲେକ୍ଟ୍ରୋନିକ ପ୍ରକାଶନର ତାରିଖ : ୨୩ ମାର୍ଚ୍ଚ ୨୦୨୧

ପ୍ରକାଶକ: ନିର୍ମାଣ

NIRMAN
An Initiative for
Sustainable Development

ପ୍ଲଟ ନଂ ଏସ-୨/୧୫, ନୀଳାଦ୍ରି ବିହାର; ପୋଷ୍ଟ : ଶୈଳଶ୍ରୀ ବିହାର

ଭୁବନେଶ୍ୱର -୭୫୧୦୨୧ (ଓଡ଼ିଶା)

ଫୋନ: ୦୬୭୪-୨୭୨୦୪୧୭ ଇ-ମେଲ: nirman96@gmail.com

©୨୦୨୧: ନିର୍ମାଣ (ପ୍ରକାଶକଙ୍କ ଦ୍ୱାରା ସର୍ବସ୍ୱତ୍ତ୍ୱ ସଂରକ୍ଷିତ)

www.nirmanodisha.org

# ପ୍ରକାଶକୀୟ

୧୯୯୦ ଦଶକର ଯେଉଁ ସବୁ ଲୋକ-ସମସ୍ୟାର ପୃଷ୍ଠଭୂମିରେ ସମାଧାନରେ ସାହାଯ୍ୟକାରୀ ଏକ ସାମାଜିକ ସଙ୍ଗଠନ ରୂପେ 'ନିର୍ମାଣ'ର ପ୍ରତିଷ୍ଠା କରାଯାଇଥିଲା, ସେଥିରୁ ଗୋଟିଏ ଥିଲା ଜଙ୍ଗଲ ସୁରକ୍ଷା ପାଇଁ ମନପ୍ରାଣ ଲଗାଇ ଦଶନ୍ଧି ଦଶନ୍ଧି ଧରି କାମ କରି ଆସୁଥିବା ଗ୍ରାମଗୋଷ୍ଠୀମାନଙ୍କର ସେଇ ଜଙ୍ଗଲ ଉପରେ ଆଇନଗତ ଅଧିକାରକୁ ସ୍ୱୀକୃତି ନ ମିଳିବା ଜନିତ ଜଟିଳତା । ଲୋକଙ୍କର ସେଇ ନ୍ୟାର୍ଯ୍ୟ ଅଧିକାରକୁ ସ୍ୱୀକୃତି ମିଳିବା ପାଇଁ 'ନିର୍ମାଣ' ସ୍ୱର ଉତ୍ତୋଳନ କରିବା ସହିତ ଜଙ୍ଗଲ ସୁରକ୍ଷା ଓ ପରିଚାଳନା ପାଇଁ ସେମାନଙ୍କର ଉଦ୍ୟମ କିପରି ସୁଦୃଢ଼ ତଥା ଦୀର୍ଘସ୍ଥାୟୀ ହେବ, ସେଥିପାଇଁ ମଧ୍ୟ ଆମେ ପ୍ରୟାସ କରି ଆସିଛୁ । ସୌଭାଗ୍ୟର କଥା ଯେ ଜଙ୍ଗଲ ଅଧିକାର ଆଇନ, ୨୦୦୬ ଏ ଦିଗରେ ଏକ ସ୍ୱଷ୍ଟ ତଥା ବଳିଷ୍ଠ ସମ୍ଭାବନା ସୃଷ୍ଟି କରିଛି, ଏବଂ 'ନିର୍ମାଣ' ମଧ୍ୟ ଏଇ ସୁଯୋଗର ସୁଫଳ ଯେପରି ଜଙ୍ଗଲ ସୁରକ୍ଷାକାରୀ ଗ୍ରାମଗୋଷ୍ଠୀ ପାଇଁ ପାରିବେ, ସେଥିପାଇଁ ବିଶେଷ ଉଦ୍ୟମ କରିବା ସହିତ ଗୋଷ୍ଠୀ ଜଙ୍ଗଲର ସୁରକ୍ଷା ଓ ପରିଚାଳନା ଅଧିକାର ପାଇବା ପରେ ତା' ପାଇଁ ରହିଥିବା ଆଇନଗତ ଦାୟିତ୍ୱ ମଧ୍ୟ ସେମାନେ ଯେପରି ସୁଚାରୁ ରୂପେ ତୁଲାଇ ପାରିବେ, ସେଥିପାଇଁ ମଧ୍ୟ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛି । **'ଗୋଷ୍ଠୀ ବନ ସମ୍ପଦ ସୁପରିଚାଳନାର ମାନଦଣ୍ଡ ଓ ପରିସୂଚକ'** ପୁସ୍ତିକାଟି ହେଉଛି ଏଇ ଦିଗରେ ଆମର କ୍ରମାଗତ ପ୍ରଚେଷ୍ଟାର ଏକ ବିଶେଷ ପରିଣାମ କାରଣ ବହୁ ବର୍ଷ ଧରି ଏ ପ୍ରସଙ୍ଗଟି ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ଆଲୋଚିତ ହୋଇ ଆସୁଥିଲେ ମଧ୍ୟ ଗ୍ରାମଗୋଷ୍ଠୀମାନଙ୍କର ସୁବିଧା ହୋଇ ପାରିବା ଭଳି ଶୈଳୀରେ, ପୁଣି ଜଙ୍ଗଲ ଅଧିକାର ଆଇନ ପରିପ୍ରେକ୍ଷୀରେ ତା'କୁ ବିକଶିତ ତଥା ପ୍ରସ୍ତୁତ କରିବାର ଏଭଳି ଉଦ୍ୟମ ସମ୍ଭବତଃ ପ୍ରଥମ । ଆମର ପରାମର୍ଶଦାତା ତଥା ଗବେଷକ ଶ୍ରୀ ବିକାଶ ରଥ ଗତ ବର୍ଷ ଏହାର ପ୍ରଥମ ଚିଠା ପ୍ରସ୍ତୁତ କରିଥିଲେ ମଧ୍ୟ ବର୍ତ୍ତମାନ ଏହା ଚୂଡ଼ାନ୍ତ ରୂପରେ ପ୍ରକାଶିତ ହେଉଛି ଯାହା ଆମ ପାଇଁ ଏକ ଗୌରବର ବିଷୟ; ଏବଂ ଆଶା ଯେ ଏହା ଲୋକଗୋଷ୍ଠୀ, ସାମାଜିକ/ଲୋକ ସଙ୍ଗଠନ, ତଥା ବନ ବିଭାଗର ଉପକାରରେ ଲାଗି ପାରିବ । ଉଲ୍ଲେଖଯୋଗ୍ୟ ଯେ ଏହାର ଇଂରାଜୀ ସଂସ୍କରଣ ଠାରୁ ଏଇ ଓଡ଼ିଆ ସଂସ୍କରଣଟି କିଛିଟା ଭିନ୍ନ ଯେହେତୁ ଅନ୍ତର୍ଜାତୀୟ ଉପଯୋଗିତା ତଥା ପର୍ଯ୍ୟାଲୋଚନା ଉଦ୍ଦେଶ୍ୟରେ ଇଂରାଜୀ ସଂସ୍କରଣଟି ରଚିତ ହୋଇଛି ଯେତେବେଳେ କି ସ୍ଥାନୀୟ ବ୍ୟବହାର ପାଇଁ ଓଡ଼ିଆ ସଂସ୍କରଣଟି ପ୍ରସ୍ତୁତ କରାଯାଇଛି । ଏଇ ଇଲେକ୍ଟ୍ରୋନିକ ସଂସ୍କରଣଟି ବିଧିବଦ୍ଧ ଭାବେ ମୁଦ୍ରିତ କରାଇ ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ଆମର ଯୋଜନା ରହିଛି ଏବଂ ତା' ପୂର୍ବରୁ ଏହାର ଅଧିକ ଉନ୍ନତି ପାଇଁ ସୁଚିନ୍ତିତ ତଥା ଗଠନମୂଳକ ମତାମତମାନ ଆମ ପାଖରେ ପହଞ୍ଚି ପାରିଲେ ଏହା ଅଧିକ ଉପଯୋଗୀ ହୋଇ ପ୍ରକାଶିତ ହୋଇପାରିବ; ତେଣୁ ସେ ଦିଗରେ ଆମେ ସର୍ବସାଧାରଣଙ୍କର ସହଯୋଗ କାମନା କରୁଛୁ ।

ପ୍ରଶାନ୍ତ ମହାନ୍ତି

ନିର୍ବାହୀ ନିର୍ଦ୍ଦେଶକ




'ନିର୍ମାଣ' ଦ୍ୱାରା ପ୍ରୋତ୍ସାହିତ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଞ୍ଜାରୀ ଗ୍ରାମର ପାରମ୍ପରିକ ଜଙ୍ଗଲର ସୀମା ବିବରଣୀ ସ୍ତମ୍ଭ ।




ମୁଣ୍ଡୁଳି ଗ୍ରାମ (ଦଶପଲ୍ଲା) ଗୋଷ୍ଠୀ ଜଙ୍ଗଲର ଏକ ସୀମା ଖୁଣ୍ଟି ।




ବାହାଲିଙ୍ଗୀ(କନ୍ଧମାଳ) ଗ୍ରାମର ଜଙ୍ଗଲ ପରିଚାଳନା କମିଟି ପକ୍ଷରୁ ଲଗାଯାଇଥିବା ଚେତାବନୀ ଫଳକ ।




କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଜାମଝରନ ଗ୍ରାମରେ ଲଗାଯାଇଥିବା ସୂଚନା ଫଳକ( 'ଆରସିଡିସି ' ଦ୍ୱାରା ପ୍ରୋତ୍ସାହିତ) ଯାହା ଗୋଷ୍ଠୀ ଜଙ୍ଗଲ ପରିଚାଳନା ବ୍ୟବସ୍ଥାକୁ ସୁପରିମିତ କରିବା ପାଇଁ ଆବଶ୍ୟକ କେତେକ ପଦକ୍ଷେପ ପ୍ରତି ସଂକେତ କରୁଛି ।

# ଗୋଷ୍ଠୀ ବନ ସମ୍ପଦ ସୁପରିଚାଳନାର ମାନଦଣ୍ଡ ଓ ପରିସୂଚକ

ଜଙ୍ଗଲ ବଞ୍ଚିଲେ ଜନେ(ଲୋକେ) ବଞ୍ଚିବେ, ଜନ୍ତୁ (ବନ୍ୟପ୍ରାଣୀ) ବଞ୍ଚିବେ , ଜଳ(ସଂରକ୍ଷଣ ତଥା ବର୍ଷା ) ଓ ଜମି(ଉର୍ବରତା) ବଞ୍ଚିବ: ଏହି ସିଦ୍ଧାନ୍ତ ଉପରେ ଜଳବିଭାଜିକା ଯୋଜନା ଆଧାରିତ କାରଣ ବୈଜ୍ଞାନିକମାନେ ଜଙ୍ଗଲକୁ ଆମ ଅସ୍ତିତ୍ୱ, ସ୍ୱାସ୍ଥ୍ୟ ଓ ସମୃଦ୍ଧି, ତଥା ସାମଗ୍ରିକ ବିକାଶର ଏକ କେନ୍ଦ୍ରୀୟ ଆବଶ୍ୟକତା ରୂପେ ବୁଝିଛନ୍ତି । ଆମର ପାରମ୍ପରିକ ଅଧିବାସୀମାନେ ଏତେ କଥା ହିସାବ କରି ନ ଥିଲେ ମଧ୍ୟ ସେମାନଙ୍କ ନିଜସ୍ୱ ସହଜାତ ବୋଧଶକ୍ତିରେ କିନ୍ତୁ ଜାଣିଥିଲେ ଯେ ଜଙ୍ଗଲ ରହିବା ନିହାତି ଦରକାର, ସେଥିପାଇଁ ସେମାନେ ଉଜୁଡା ଜଙ୍ଗଲକୁ ସୁରକ୍ଷା ଦେଇ ବଞ୍ଚାଇଲେ ଓ ବଢ଼ାଇଲେ, ସେଥିପାଇଁ କେତେ ତ୍ୟାଗ ସ୍ୱୀକାର କଲେ । ସରକାର ମଧ୍ୟ ଏହି ଲୋକ-ଉଦ୍ୟମର ଗୁରୁତ୍ୱ ସ୍ୱୀକାର କରି ପ୍ରଥମେ ଯୁଗ୍ମ ଜଙ୍ଗଲ ପରିଚାଳନା(JFM) ବ୍ୟବସ୍ଥା ମାଧ୍ୟମରେ ଏହାକୁ ଆଂଶିକ ମର୍ଯ୍ୟାଦା ଦେଲେ, ତା'ପରେ ଜଙ୍ଗଲ ଅଧିକାର ଆଇନ ମାଧ୍ୟମରେ ପୂର୍ଣ୍ଣ ମର୍ଯ୍ୟାଦା(Community Forest Resource Right) ଦେଇ ଅଧିକାର ମିଳିଥିବା ଜଙ୍ଗଲର ସୁରକ୍ଷା, ସଂରକ୍ଷଣ, ଓ ପରିଚାଳନା ପାଇଁ କ୍ଷମତା ଦେଇଦେଲେ ଏଇ ସର୍ତ୍ତରେ ଯେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସମୁଚିତ ପରିବଣ୍ଟନ(equitability) ତଥା ପରିମିତତା/ ଦୀର୍ଘସ୍ଥାୟିତ୍ୱ(sustainability)ର ନୀତିକୁ ଆଦର୍ଶ କରି ଏକ ବିଧିବଦ୍ଧ ଜଙ୍ଗଲ ସଂରକ୍ଷଣ ଓ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବ ଏବଂ ଜଙ୍ଗଲ, ବନ୍ୟପ୍ରାଣୀ , ତଥା ଜୈବବିବିଧତାର ସୁରକ୍ଷା ସୁନିଶ୍ଚିତ କରାଯିବ । ଅର୍ଥାତ, ଏହି ପୂର୍ଣ୍ଣ ଅଧିକାର ଅବୈଧ ଶିକାର, ନ୍ୟସ୍ତସ୍ୱାର୍ଥ ଓ ସାମାଜିକ ଅନ୍ୟାୟ, ଅଥବା ଜଙ୍ଗଲ & ଜୈବବିବିଧତାର ଧ୍ୱଂସ ପାଇଁ ଉଦ୍ଦିଷ୍ଟ ନୁହେଁ ।

ବିଗତ କିଛି ଦଶନ୍ଧି ଭିତରେ ଜଙ୍ଗଲକୁ ଦେଖିବାର ଦୃଷ୍ଟିକୋଣ ବା ଆଭିମୁଖ୍ୟରେ ଗୋଟିଏ ବଡ଼ ପରିବର୍ତ୍ତନ ଘଟିଛି । ସାଧାରଣ ଲୋକେ ଜଙ୍ଗଲକୁ କାଠ, ବାଉଁଶ ଓ ଅନ୍ୟାନ୍ୟ ଲଘୁ ବନଜାତ ଦ୍ରବ୍ୟ ମିଳିବାର ସ୍ଥାନ ହିସାବରେ ବୁଝୁଥିଲେ; ହୁଏତ ଦେବଦେବୀଙ୍କ ଆସ୍ଥାନ ରୂପେ ମଧ୍ୟ ବୁଝୁଥିଲେ । ଅପର ପକ୍ଷରେ ପ୍ରଶାସକ ତଥା ବନ ଅଧିକାରୀମାନେ ବୁଝୁଥିଲେ ଜଙ୍ଗଲ ରହିଲେ ରାଜସ୍ୱ ମିଳିବ, ବନ୍ୟଜନ୍ତୁ ଓ ଜୈବବିବିଧତାର ସଂରକ୍ଷଣ ହେବ; ପରିବେଶ, ନଦୀ ଓ ଝରଣା ବଞ୍ଚି ରହିବ । କିନ୍ତୁ ବିଶ୍ୱତାପନ(global warming)ର ସମସ୍ୟା ଏଥିରେ ବଡ଼ ପରିବର୍ତ୍ତନ ଆଣିଲା ।

ଆମେ ଜାଣିଛୁ ଯେ ଅମ୍ଳଜାନ ଦ୍ୱାରା ଆମେ ବଞ୍ଚୁ ଏବଂ ଅଙ୍ଗାରକାମ୍ଳ ଆମ ପାଇଁ ବିଷାକ୍ତ । କିନ୍ତୁ ଗଛର ଗୋଟିଏ ଅଦ୍ଭୁତ କ୍ଷମତା ଅଛି, ଏହା ଦିନ ବେଳେ ଅଙ୍ଗାରକାମ୍ଳ ଶୋଷି ନେଇ ଅମ୍ଳଜାନ ଦେଇଥାଏ ଏବଂ ରାତି ବେଳେ ଅଙ୍ଗାରକାମ୍ଳ ତ୍ୟାଗ କରିଥାଏ । ଯେଉଁ ଅଙ୍ଗାରକାମ୍ଳ ଏହା ନିଜ ଭିତରକୁ ଶୋଷି ନିଏ, ତା'କୁ ନିଜର ଅଂଶ(କାଠ, ଇତ୍ୟାଦି)ରେ ରୂପାନ୍ତରିତ କରିଦିଏ; କିନ୍ତୁ ଗଛକୁ ପୋଡ଼ି ଦେଲେ ସେଇ ରୂପାନ୍ତରିତ ଅଙ୍ଗାରକାମ୍ଳ (ଅଙ୍ଗାରକ ବା carbon) ବାଷ୍ପରେ ପରିଣତ ହୋଇ ବାୟୁମଣ୍ଡଳକୁ ଚାଲିଯାଏ । ଅପର ପକ୍ଷରେ ଗଛ କାଟିଦେଲେ ଅଙ୍ଗାରକାମ୍ଳ ଶୋଷିବ କିଏ ? ବୈଜ୍ଞାନିକମାନେ ଦେଖିଲେ ଯେ ଜଙ୍ଗଲ କାଟିବା ତଥା ପ୍ରଦୂଷଣ ଯୋଗୁଁ ବହୁ ପରିମାଣରେ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବିଷାକ୍ତ ବାଷ୍ପ ବାୟୁମଣ୍ଡଳକୁ ରୁନ୍ଧି ଦେବା ଫଳରେ ପୃଥିବୀର ତାପମାତ୍ରା ବଢ଼ି ବଢ଼ି ଯାଉଛି ଏବଂ ଜଳବାୟୁରେ ନାନା ଅନିୟମିତତା ଦେଖାଦେଉଛି (ଗରମ ବଢୁଛି, ବର୍ଷା ଠିକ ସମୟରେ ଠିକ ଭାବରେ ହେଉନାହିଁ , କେତେକ ଋତୁ ଜଣା ପଡୁନାହିଁ , ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟର ବାରମ୍ବାରତା ବଢୁଛି , ଇତ୍ୟାଦି) । ତେଣୁ ଜଙ୍ଗଲ ହେଉଛି

ଗୋଟିଏ 'ଅଙ୍ଗାରକ କୁଣ୍ଡ' (carbon sink) ଯେଉଁଠି ବାୟୁମଣ୍ଡଳର ବିଷାକ୍ତ ଅଙ୍ଗାରକାମ୍ଳ ଶୋଷି ହୋଇ ରହେ ଏବଂ ଆମକୁ ସୁରକ୍ଷିତ କରିବାରେ ସାହାଯ୍ୟ କରେ । ବୈଜ୍ଞାନିକମାନେ କହିଲେ ଯେ ଏଇ ଭଳି 'ଅଙ୍ଗାରକ କୁଣ୍ଡ' ସବୁ ସୁରକ୍ଷିତ ରହିବା ଜରୁରୀ, ନଚେତ ପୃଥିବୀର ବାୟୁମଣ୍ଡଳ ଏତେ ଉତ୍ତପ୍ତ ହୋଇଯିବ ଯେ ମଣିଷ ଓ ଜୀବଜନ୍ତୁ ବଂଚିବେ ନାହିଁ । ବର୍ତ୍ତମାନ ଜଙ୍ଗଲକୁ 'ଅଙ୍ଗାରକ କୁଣ୍ଡ' ରୂପେ ସର୍ବାଧିକ ଗୁରୁତ୍ୱ ଦିଆଯାଇ ବିଶ୍ୱ ନେତାମାନେ  ତା'ର ସଂରକ୍ଷଣ ପାଇଁ ଆର୍ଥିକ ପ୍ରୋତ୍ସାହନ ଦେବା କଥା କହୁଛନ୍ତି ଏବଂ ଏହାକୁ ନେଇ ବ୍ୟବସାୟ ମଧ୍ୟ ଆରମ୍ଭ ହୋଇଯାଇଛି ଯାହାକୁ carbon trading ବୋଲି କୁହାଯାଉଛି; ଅର୍ଥାତ ପ୍ରଦୂଷଣ କରି ଯେଉଁମାନେ ଅଙ୍ଗାରକାମ୍ଳ ମାତ୍ରା ବଢ଼ାଉଛନ୍ତି, ସେମାନେ(ଦେଶ/ଶିଳ୍ପ) ସେଇ ଅଙ୍ଗାରକାମ୍ଳ ଶୋଷି ନେବା ପାଇଁ ସାହାଯ୍ୟ କରୁଥିବା 'ଅଙ୍ଗାରକ କୁଣ୍ଡ'(ଜଙ୍ଗଲ)ର ସଂରକ୍ଷଣ ଓ ସୁପରିଚାଳନା ପାଇଁ କ୍ଷତିପୂରଣ ଟଙ୍କା ପ୍ରୋତ୍ସାହନ ଆକାରରେ ଦେବେ । ଏହି ବ୍ୟାବସାୟିକ ବୁଝାମଣାକୁ  REDD+ ବୋଲି କୁହା ଯାଉଛି , କିନ୍ତୁ ଏଥିରେ ଜଙ୍ଗଲ ଏପରି 'ଭଡ଼ା ଲାଗିବା' ସ୍ଥଳେ ଜଙ୍ଗଲ ସୁରକ୍ଷାକାରୀ ଗ୍ରାମବାସୀଙ୍କର ନିଜସ୍ୱ ସ୍ୱାଧୀନତା ଓ ସ୍ୱାଭିମାନ ଉପରେ ଆଞ୍ଚ ଆସିପାରେ ବୋଲି ଏହାକୁ ଗ୍ରହଣ କରିବାରେ ସଙ୍କୋଚ ରହୁଛି । ତେବେ ଏହି ବ୍ୟବସାୟ କଥା ବିଚାରକୁ ନ ନେଲେ ବି 'ଅଙ୍ଗାରକ କୁଣ୍ଡ' ରୂପେ ଜଙ୍ଗଲର ସଂରକ୍ଷଣ ଓ ସୁପରିଚାଳନା କିନ୍ତୁ ସମୟର ଆବଶ୍ୟକତା ହୋଇ ପଡ଼ିଛି ।

### କିନ୍ତୁ, କେମିତି ଜାଣିବା ଯେ ଜଙ୍ଗଲ ସଂରକ୍ଷଣ ଓ ସୁପରିଚାଳନାର ନୀତି ଓ ସର୍ତ୍ତ ସବୁ ଠିକ୍ ଭାବରେ ପାଳନ କରାଯାଉଛି ? କିଭଳି  ନିଶ୍ଚିତ ହେବା ଯେ ଜଙ୍ଗଲ ପରିଚାଳନାରେ 'ସବୁ କିଛି ଠିକ୍ ଚାଲିଛି'?

ଏଇ ପ୍ରଶ୍ନର ସମାଧାନ ପାଇଁ ବିଶ୍ୱବ୍ୟାପୀ ବନ ବିଜ୍ଞାନୀମାନେ ନାନା ଆଲୋଚନା ଓ ଗବେଷଣା କରି କେତେଗୁଡ଼ିଏ ମାନଦଣ୍ଡ (criteria) ଓ ପରିସୂଚକ(indicator) ନିର୍ଦ୍ଧାରଣ କରିଛନ୍ତି ଯାହା ପ୍ରୟୋଗ କରି ଜାଣିହେବ ଯେ ଜଙ୍ଗଲ ପରିଚାଳନା ଉଚିତ ଭାବରେ କରାଯାଉଛି କି ନାହିଁ । ଏଇ ମାନଦଣ୍ଡ ଓ ପରିସୂଚକର ତାଲିକା ମୂଳତଃ ସମାନ ଜଣାଗଲେ ମଧ୍ୟ ଭିନ୍ନ ଭିନ୍ନ ଦେଶର ଜଙ୍ଗଲ ଓ ପରିସ୍ଥିତି ଅନୁଯାୟୀ କିଛିଟା ଭିନ୍ନ ଭିନ୍ନ ହୋଇପାରେ , ଆଉ ମଧ୍ୟ ସମୟକ୍ରମେ ସେଥିରେ ସଂଶୋଧନ ଏବଂ/କିମ୍ବା ଉନ୍ନତି ମଧ୍ୟ କରାଯାଉଛି । ଆମକୁ ଦେଖିବାକୁ ହେବ ଯେ ଗ୍ରାମଗୋଷ୍ଠୀଙ୍କ ଅଧିକାରରେ ରହିଥିବା ଛୋଟ ଜଙ୍ଗଲ ପରିପ୍ରେକ୍ଷୀରେ କି ମାନଦଣ୍ଡ ଓ ପରିସୂଚକ ବ୍ୟବହାର କରିହେବ ବା କରିବା ଉଚିତ ହେବ । ଉଲ୍ଲେଖଯୋଗ୍ୟ ଯେ 'ନିର୍ମାଣ' ପକ୍ଷରୁ କରାଯାଇଥିବା ଏହି ଉଦ୍ୟମ ଏକ ଆଧାର ବା ଭିତ୍ତି ସ୍ଥାପନ କରିବ ଯାହାକୁ ନେଇ ପରବର୍ତ୍ତୀ ସମୟରେ ଅଧିକ ଚର୍ଚ୍ଚା, ଗବେଷଣା, ଏବଂ ସଂଶୋଧନ/ପରିବର୍ତ୍ତନମାନ ମଧ୍ୟ ଚିନ୍ତା କରାଯାଇପାରିବ; ଗ୍ରାମଗୋଷ୍ଠୀ, ବନ ବିଜ୍ଞାନୀ , ସ୍ୱେଚ୍ଛାସେବୀ ସଙ୍ଗଠନ , ତଥା ଅଭିଶାସକମାନେ ଏହି କାର୍ଯ୍ୟକୁ ଆଗେଇ ନେଇ ପାରିବେ ।

ନିମ୍ନରେ ସେଇ ମାନଦଣ୍ଡ ଓ ପରିସୂଚକର ଗୋଟିଏ ପରାମର୍ଶ(ପ୍ରସ୍ତାବ)ମୂଳକ ସହଜ, ସରଳ ତାଲିକା ଦିଆଯାଉଛି ଯାହା ଗ୍ରାମବାସୀ ବୁଝିପାରିବେ ଏବଂ ଅନୁସରଣ କରିପାରିବେ । ଉଲ୍ଲେଖଯୋଗ୍ୟ ଯେ ଏଥିରେ ରହିଥିବା କେତେକ ମାନଦଣ୍ଡ ଓ ପରିସୂଚକ ଜଙ୍ଗଲ ସୁପରିଚାଳନା ବ୍ୟବସ୍ଥାର ଆରମ୍ଭ ବା ପ୍ରାଥମିକ ଅବସ୍ଥାରେ ଦେଖିବାକୁ ହୁଏତ ମିଳି ନ ପାରେ କାରଣ ସେଗୁଡିକ କରି ଦେଖାଇବା ପାଇଁ କିଛି ବର୍ଷ ସମୟ ଲୋଡ଼ା ହୋଇ ପାରେ; କିନ୍ତୁ ପାଞ୍ଚ ବା ଦଶ ବର୍ଷ ପରେ ସେଗୁଡ଼ିକ ଯେପରି କାର୍ଯ୍ୟରେ ପରିଣତ ହୋଇଥିବ ବା ଦେଖି ହେଉଥିବ, ସେଭଳି ଲକ୍ଷ୍ୟ ନେଇ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବା ଆବଶ୍ୟକ ।

| ଗୋଷ୍ଠୀ ବନ ସମ୍ପଦ ସୁପରିଚାଳନାର ମାନଦଣ୍ଡ ଓ ପରିସୂଚକ | |
|---|---|
| **ଲକ୍ଷ୍ୟ :** ଗ୍ରାମବାସୀଙ୍କ ଅଧିକାର/ଦାୟିତ୍ୱରେ ରହିଥିବା ଜଙ୍ଗଲ ସମ୍ପଦର ସୁପରିଚାଳନା | |
| **ନୀତି ବା ସିଦ୍ଧାନ୍ତ :** ପାରିବେଶିକ, ଅର୍ଥନୈତିକ, ସାମାଜିକ, ଓ ବୈଧାନିକ ଆବଶ୍ୟକତା; ତଥା ଉଭୟ ସ୍ଥାନୀୟ ଏବଂ ବୃହତ୍ତର କଲ୍ୟାଣ ପରିପ୍ରେକ୍ଷୀରେ ଗ୍ରାମବାସୀଙ୍କ ସାଧ ଅନୁଯାୟୀ ଜଙ୍ଗଲ ସମ୍ପଦର ସୁପରିଚାଳନା ବ୍ୟବସ୍ଥାର ମାନଦଣ୍ଡମାନ ନିରୂପଣ କରାଯିବ ଏବଂ ପ୍ରତି ମାନଦଣ୍ଡକୁ ନେଇ କେତେକ ପରିସୂଚକ ନିର୍ଦ୍ଧାରଣ କରାଯିବ; ଯଥା : | |
| **ମାନଦଣ୍ଡ** | **ପରିସୂଚକ** |
| ଜଙ୍ଗଲର (ବାହ୍ୟ )ସୁରକ୍ଷା (forest protection) | • ଜଙ୍ଗଲର ସୀମା ବା ଚୌହଦୀ ସ୍ପଷ୍ଟ ନିର୍ଦ୍ଧାରିତ ହୋଇଛି ।<br>• ସୀମା ଚିହ୍ନଟ ପାଇଁ ଆବଶ୍ୟକ ସୀମା-ଖୁଣ୍ଟିମାନ ଓ ସଙ୍କେତମାନ ଦିଆଯାଇଛି ।<br>• ଜଙ୍ଗଲର ସ୍ପଷ୍ଟ ନକ୍ସା ଉପଲବ୍ଧ ରହିଛି ଏବଂ ଏହାର ପ୍ରତିଲିପି(ନକଲ) ସମ୍ପୃକ୍ତ ପକ୍ଷମାନଙ୍କୁ(ଯଥା : ପଡ଼ୋଶୀ ଗ୍ରାମ ଏବଂ ବନ ବିଭାଗ) ଦିଆଯାଇଛି ।<br>• ଜଙ୍ଗଲ ନକ୍ସାରେ ଜଙ୍ଗଲର ବିଭିନ୍ନ ମୁଖ୍ୟ ଅଞ୍ଚଳ ମଧ୍ୟ ସ୍ପଷ୍ଟ ଚିହ୍ନଟ କରାଯାଇଛି ।<br>• ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମବାସୀଙ୍କର ସ୍ୱତନ୍ତ୍ର ଦଳ (ଠେଙ୍ଗାପାଳିଆ ଇତ୍ୟାଦି ) କିମ୍ବା ଜଗୁଆଳି ବ୍ୟବସ୍ଥା ନିୟମିତ କାର୍ଯ୍ୟ କରୁଛି ।<br>• ରାତି ସମୟରେ ଜଙ୍ଗଲରେ ଚୋରି ରୋକିବା ପାଇଁ ମଧ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।<br>• ପଡ଼ୋଶୀ ଗ୍ରାମ ସହିତ ସୀମା ବିବାଦର ସମାଧାନ କରାଯାଇଛି ।<br>• ଜଙ୍ଗଲର ଆୟତନ ଯେତିକି ଥିଲା, ସେତିକି ରହିଛି (କିମ୍ବା ବଢ଼ିଛି ); କମି ନାହିଁ । |
| ଜଙ୍ଗଲର ସଂରକ୍ଷଣ (forest conservation) | • ଜଙ୍ଗଲର ଘନତ୍ୱ ବଢ଼ିଛି (ଗଛଗୁଡ଼ିକ ବଡ଼ ବଡ଼ ହୋଇଛନ୍ତି ; ଗଛ ନଷ୍ଟ ହୋଇ ଖୋଲା ହୋଇଯାଇଥିବା ଅଞ୍ଚଳଗୁଡ଼ିକୁ ଗଛ ଲଗାଇ ଭରି ଦିଆଯାଇଛି, ଇତ୍ୟାଦି ) ।<br>• ପୋକସୁଙ୍ଘା ଭଳି ଆକ୍ରାମକ ଅଗଛା(weed and invasive species) ଯେପରି ଜଙ୍ଗଲରେ ନ ମାଡ଼ିବ , ସେଥିପାଇଁ ବ୍ୟବସ୍ଥା କରାଯାଇଛି(ସେଗୁଡ଼ିକୁ ଉପାଡ଼ି ବାହାରେ ପୋଡ଼ି ଦିଆଯାଇଛି , ସେଗୁଡ଼ିକ ଆଉ ନ ମାଡ଼ିବା ପାଇଁ ସେ ସ୍ଥାନରେ ଉପଯୋଗୀ ଗଛ ଚାରା ଲଗାଇ ଦିଆଯାଇଛି ) ।<br>• ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି (ଯଥା: ଖରା ଦିନେ ଶୁଖିଲା ପତ୍ର ସବୁ ଝାଡ଼ୁ କରି ବଡ଼ ବଡ଼ ଖାତରେ ଭର୍ତ୍ତି କରାଇ ତା' ଉପରେ ମାଟି ଘୋଡ଼ାଇ ଦିଆଯାଉଛି ; କେନ୍ଦୁ ପତ୍ର ଓ ମହୁଲ ସଂଗ୍ରହ ପାଇଁ ନିଆଁ ଲଗାଇବା ନିଷେଧ କରାଯାଇଛି ; ଇତ୍ୟାଦି ) । |

| | |
|---|---|
| | • ଆବଶ୍ୟକ ସ୍ଥଳେ  ପରିଷ୍କରଣ(ଜଙ୍ଗଲ ସଫେଇ) ଓ ପାତଳୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଉପଯୋଗୀ ଗଛଲତା ଓ ଗୁଳ୍ମ ଇତ୍ୟାଦିକୁ ଢାଙ୍କି ଦେଉଥିବା ଅନାବନା ଗଛ ସବୁ ପରିଷ୍କାର କରାଯାଉଛି । <br> • ଜଙ୍ଗଲର ସ୍ୱାସ୍ଥ୍ୟ ଭଲ ରହିଛି ଏବଂ ରୋଗପୋକ ବ୍ୟାପୁ ନାହିଁ କି ସେଥିଯୋଗୁଁ ଗଛ ବା ବନ୍ୟପ୍ରାଣୀ ନଷ୍ଟ ହେଉନାହିଁ । |
| ଜଙ୍ଗଲର ସମୃଦ୍ଧିକରଣ (forest enrichment) | • ଗ୍ରାମର ବୟସ୍କ ଓ ଅଭିଜ୍ଞ ଲୋକଙ୍କ ଠାରୁ ମିଳିଥିବା ତଥ୍ୟ ଭିତ୍ତିରେ ଜଙ୍ଗଲର ଇତିହାସ କିପରି ଥିଲା, କି ପ୍ରକାର ଗଛଲତା ଓ ପଶୁପକ୍ଷୀ ଯଥେଷ୍ଟ ଦେଖା ଯାଉଥିଲେ - ଏସବୁ ବିଶ୍ଳେଷଣ କରି ବିଲୁପ୍ତ  ଗଛଲତା ଓ ପଶୁପକ୍ଷୀଙ୍କର ତାଲିକା ପ୍ରସ୍ତୁତ କରାଯାଇଛି ; ଆଉ ମଧ୍ୟ ଜଙ୍ଗଲର କେଉଁ ଭାଗରେ କ'ଣ ଥିଲା , ତା' ମଧ୍ୟ ଚିହ୍ନଟ କରିବାର ଚେଷ୍ଟା କରାଯାଇଛି । <br> • ଜଙ୍ଗଲରେ ବର୍ତ୍ତମାନ ମିଳୁଥିବା ଗଛଲତା,ପଶୁପକ୍ଷୀ, ଓ ଜଙ୍ଗଲଜାତ ଦ୍ରବ୍ୟ ଇତ୍ୟାଦିର ବିଧିବଦ୍ଧ ତାଲିକା ପ୍ରସ୍ତୁତ କରାଯାଇଛି । <br> • ଏହି ତାଲିକା ଅନୁଯାୟୀ ବିଲୁପ୍ତ ଗଛଲତାମାନଙ୍କୁ ଫେରାଇ ଆଣିବା ପାଇଁ ଚାରା ରୋପଣ ଯୋଜନା କାର୍ଯ୍ୟକାରୀ କରାଯାଇଛି । |
| ପରିମିତତା(sustainability) | • ଜଙ୍ଗଲ ଉପରେ ଗ୍ରାମବାସୀଙ୍କ ନିର୍ଭରଶୀଳତାର ବିଧିବଦ୍ଧ ଆକଳନ କରାଯାଇ ବିଭିନ୍ନ ଜଙ୍ଗଲଜାତ ସେବା/ସୁବିଧା ଉପରେ ନିର୍ଭରଶୀଳତା କେତେ ଅଧିକ ବା କମ, ତାହାର ତାଲିକା ପ୍ରସ୍ତୁତ କରାଯାଇଛି । <br> • ଏଥି ସହିତ ବିଭିନ୍ନ ସେବା /ସୁବିଧା ଯୋଗାଇବା ପାଇଁ ଜଙ୍ଗଲର ସାମର୍ଥ୍ୟ କେତେ ଏବଂ ପୂର୍ବରୁ ଏହା ଦ୍ୱାରା କେତେ ଓ କିଭଳି କ୍ଷତି ହୋଇଛି , ତା'ର ମଧ୍ୟ ଏକ ଆକଳନ କରାଯାଇ ଜଙ୍ଗଲର ସହନ ସୀମା ଅନୁଯାୟୀ ଆବଶ୍ୟକ ନୀତି ନିୟମ ପ୍ରଣୟନ କରାଯାଇଛି । <br> • ଗ୍ରାମବାସୀମାନେ ଜଙ୍ଗଲର ସେବା ନେବା ସମୟରେ ଏହି ନୀତି ନିୟମ ପାଳନ କରୁଛନ୍ତି (ଯଥା : ବର୍ଷା ଦିନେ ଏବଂ ଚାରା ରୋପଣ ସ୍ଥାନରେ ଗୋରୁ ବା ଛେଳି ଚରାଇବା ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି, କଞ୍ଚା ଗଛ ତଥା କମ ଥିବା କାଠ ଗଛ କାଟିବା ବନ୍ଦ କରାଯାଇଛି , ଜାଳକାଠ ପାଇଁ କେବଳ ତଳେ ପଡ଼ିଥିବା ଡାଳପତ୍ର ହିଁ ସଂଗ୍ରହ କରାଯାଉଛି, ଡାଳ କାଟି ଫଳ ସଂଗ୍ରହ ବନ୍ଦ କରା ଯାଇଛି, ବ୍ୟବସାୟ ପାଇଁ ଛାଲି ସଂଗ୍ରହ ବନ୍ଦ କରାଯାଇଛି, ଇତ୍ୟାଦି ) । <br> • ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କିଭଳି କଲେ ଗଛ ବା ଜଙ୍ଗଲର କ୍ଷତି ନ ହୋଇ ଏହା ପୁଣି ଯଥେଷ୍ଟ ମିଳୁଥିବ, ସେ ସମ୍ପର୍କରେ ଗ୍ରାମବାସୀଙ୍କୁ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଛି । <br> • ଜଙ୍ଗଲ ପରିଚାଳନା କମିଟି ପକ୍ଷରୁ 'କାଟିବା ନିଷେଧ'  ଗଛର ତାଲିକା କରାଯାଇ ସର୍ବସାଧାରଣରେ ପ୍ରକାଶ କରାଯାଇଛି । |

| | |
|---|---|
| | • ଅନୁମତି କ୍ରମେ କଟାଯାଉଥିବା ଗଛରେ ରଙ୍ଗ ଦ୍ୱାରା ନିର୍ଦ୍ଦିଷ୍ଟ ସଂଖ୍ୟା ଲେଖାଯାଇ ଅଥବା କମିଟିର ଚିହ୍ନ ବହନ କରୁଥିବା ହାତୁଡ଼ି (ଏହାକୁ କମାର ଶାଳରେ ତିଆରି କରିହେବ ଯାହାକୁ ଗଛରେ ପିଟିଲେ ସେଇ ଚିହ୍ନ ଖୋଦିତ ହୋଇଯିବ) ଦ୍ୱାରା ଚିହ୍ନିତ କରାଯାଇ ଅନୁମତିର ଅନୁଚିତ ଉପଯୋଗକୁ ବନ୍ଦ କରାଯାଉଛି ।<br>• କେତେକ ଉପଯୋଗୀ ଗଛଲତା(ଯଥା : ଖାଦ୍ୟୋପଯୋଗୀ ଜଙ୍ଗଲୀ କନ୍ଦ )କୁ ଜଙ୍ଗଲରୁ ଆଣି ଘରବାଡିରେ ଲଗାଇ ତା'ର ସଂରକ୍ଷଣ, ବିସ୍ତାର , ତଥା ଉତ୍କର୍ଷ ସାଧନ ପାଇଁ ଚେଷ୍ଟା କରାଯାଉଛି ।<br>• ଲୋକଙ୍କ ଉପରେ ଜଙ୍ଗଲ କଟକଣାର ପ୍ରଭାବ ହ୍ରାସ ତଥା ଲୋକଙ୍କର ଜଙ୍ଗଲ ଉପରେ ଚାପ ହ୍ରାସ ପାଇଁ ଉପଯୋଗୀ ସରକାରୀ ଯୋଜନାର ସୁଯୋଗ ସୁବିଧାମାନ (ଯେପରି କି, ଇନ୍ଦିରା ଆବାସ ଭଳି ପକ୍କା ଘର, ଗ୍ୟାସ ଚୁଲ୍ଲା, ଜାଳେଣୀ ସଞ୍ଚୟ କରୁଥିବା କାଠ ଚୁଲ୍ଲା , ଅଥବା ଘର ବାଡ଼ିରେ ବାଉଁଶ ଚାଷ ଇତ୍ୟାଦି ପାଇଁ ପ୍ରୋତ୍ସାହନ ) କାମରେ ଲଗାଇବାର ଚେଷ୍ଟା କରାଯାଉଛି । |
| ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ (wildlife protection & conservation) | • ଜଙ୍ଗଲରେ ଶିକାର ଓ ଜାଲ ବସାଇବା ଇତ୍ୟାଦି ସମ୍ପୂର୍ଣ୍ଣ ବନ୍ଦ କରା ଯାଇଛି ।<br>• ପକ୍ଷୀ ଅଣ୍ଡା ସଂଗ୍ରହ ବନ୍ଦ କରାଯାଇଛି ।<br>• ଜଙ୍ଗଲରେ ଥିବା ପଶୁପକ୍ଷୀଙ୍କ ଖାଦ୍ୟ ଉପଯୋଗୀ ଗଛଲତା ବା ଫୁଲଫଳ ଯେପରି ସେମାନଙ୍କୁ ମିଳିପାରିବ, ସେଥିପାଇଁ ଆବଶ୍ୟକ କଟକଣା ଓ ଚାରା ରୋପଣ ଇତ୍ୟାଦି କରାଯାଇଛି ।<br>• ପଶୁପକ୍ଷୀ ପାଣି ପିଉଥିବା ସ୍ଥାନରେ ସବୁ ସମୟରେ ପାଣି ମିଳିପାରିବା ସୁନିଶ୍ଚିତ କରାଯାଇଛି ଏବଂ ଆବଶ୍ୟକ ସ୍ଥଳେ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ସେମାନେ ପାଣି ପାଇପାରିବାର ବ୍ୟବସ୍ଥା କରାଯାଇଛି । ସେଇଭଳି, ସେମାନେ ଚାଟୁଥିବା ଲୁଣା-ମାଟି ଅଞ୍ଚଳକୁ ସେମାନଙ୍କ ପାଇଁ ସୁରକ୍ଷିତ ରଖାଯାଇଛି ।<br>• ପ୍ରାକୃତିକ ତୃଣ ଭୂମି ଅଞ୍ଚଳକୁ ସେଇଭଳି ସୁରକ୍ଷିତ ରଖାଯାଇଛି ; ସେଠାରେ ବଡ଼ ଗଛ ଲଗାଇ ତା'କୁ ବଡ଼ ଜଙ୍ଗଲରେ ପରିବର୍ତ୍ତିତ କରିବାର ଭୁଲ କରା ଯାଇନାହିଁ ।<br>• ବନ୍ୟପ୍ରାଣୀ ଫସଲ ନଷ୍ଟ କିମ୍ବା ଲୋକଙ୍କ ଉପରେ ଆକ୍ରମଣ କଲେ ସେମାନଙ୍କୁ ମାରି ନ ଦେଇ ବରଂ ବନ ବିଭାଗ ସହିତ ଯୋଗାଯୋଗ କରାଯାଉଛି ।<br>• ମାଙ୍କଡ଼ କିମ୍ବା ବାରହା ଆଦିଙ୍କ ଉପଦ୍ରବକୁ ପ୍ରତିହତ କରିବା ପାଇଁ ପାରମ୍ପରିକ ତଥା/କିମ୍ବା ଆଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଉଛି । |
| ଜୈବ ବିବିଧତା ସୁରକ୍ଷା ଓ ସଂରକ୍ଷଣ (biodiversity conservation) | • ଜଙ୍ଗଲରେ ଥିବା ଛୋଟ ବଡ ବିଭିନ୍ନ ଗଛଲତା ଓ ପ୍ରାଣୀଙ୍କର ତାଲିକା ସହିତ ପ୍ରତ୍ୟେକର ସ୍ଥିତି କ'ଣ (ନିରାପଦ କି ସଙ୍କଟାପନ୍ନ), ତା'ର ସାମାଜିକ/ସାଂସ୍କୃତିକ/ଔଷଧୀୟ/ବ୍ୟବସାୟିକ/ଧାର୍ମିକ ଉପଯୋଗିତା କଣ, କେଉଁ ଅଂଶ ଉପଯୋଗରେ ଲାଗେ , ଇତ୍ୟାଦି ବିଷୟର ଏକ ତାଲିକା ରହିଛି ।<br>• ବିପନ୍ନ ପ୍ରଜାତିର ସୁରକ୍ଷା ପାଇଁ ଆବଶ୍ୟକ କଟକଣା ଲାଗୁ କରାଯାଇଛି । |

| | |
|---|---|
| | • ଜଙ୍ଗଲରେ ଦେଖାଯାଉଥିବା ବିରଳ/ବିପନ୍ନ ଗଛଲତା ଓ ପ୍ରାଣୀ ସମ୍ପର୍କରେ ପଞ୍ଚାୟତର ଜୈବ ବୈଚିତ୍ର୍ୟ ପରିଚାଳନା କମିଟିକୁ ତଥା ବନ ବିଭାଗକୁ ଅବଗତ କରାଯାଇଛି ଏବଂ ଆବଶ୍ୟକ ସହଯୋଗ ପାଇଁ ଅନୁରୋଧ କରାଯାଇଛି ।<br>• ୟୁକାଲିପଟାସ, କାଜୁ, ଶାଗୁଆନ, ଆକାଶିଆ  ଭଳି ବିଜାତୀୟ(exotic) ପ୍ରଜାତିର ଗଛ, ଯାହା ସ୍ଥାନୀୟ ଜଙ୍ଗଲରେ ପ୍ରାକୃତିକ ଭାବେ କେବେ ଦେଖାଯାଇନାହିଁ , ସେଗୁଡିକୁ ଜଙ୍ଗଲରେ ଲଗାଇବା ବାରଣ କରାଯାଇଛି । |
| ପରିବେଶ ସଂରକ୍ଷଣ<br>(ecological protection) | • ଜଙ୍ଗଲରେ ମୃତ୍ତିକା କ୍ଷୟ ବନ୍ଦ କରାଯାଇଛି (ମାଟି ଧୋଇ ହୋଇ ଯାଉଥିବା ଅଯଥା ନାଳମାନ ବନ୍ଦ କରିଦିଆଯାଇଛି ) ।<br>• ବର୍ଷା ଜଳ ସଂରକ୍ଷଣ ପାଇଁ ବର୍ଷା ଋତୁ ସମୟରେ ଜଙ୍ଗଲ ଭୂଇଁ(forest floor)ରେ ଯେପରି ପତ୍ର ସବୁ ଯେମିତି ସେମିତି ପଡ଼ିରହିଥିବ, ଗୁଳ୍ମବୁଦା ସବୁ କଟା ନ ଯାଇ ଯେମିତି ସେମିତି ରହିଥିବ; ସେଥିପ୍ରତି ଧ୍ୟାନ ଦିଆଯାଉଛି ।<br>• ଏହା ଫଳରେ ବିଭିନ୍ନ କୀଟପତଙ୍ଗ, ସରୀସୃପ, ଛତୁ , ଶିଉଳି ଇତ୍ୟାଦି ସ୍ୱାଭାବିକ ଭାବେ ଦେଖାଯାଉଛନ୍ତି ।<br>• ଜଙ୍ଗଲରେ ବର୍ଜ୍ୟ ବସ୍ତୁ (ଅଳିଆ, ଭଙ୍ଗା ବା ପୁରୁଣା ଜିନିଷ, ଇତ୍ୟାଦି) ଅଥବା ପ୍ରଦୂଷଣ ସୃଷ୍ଟି କରୁଥିବା ଜିନିଷ ଫୋପାଡ଼ିବା ବନ୍ଦ କରାଯାଇଛି । |
| ଜଳବାୟୁ ପରିବର୍ତ୍ତନଗତ ପ୍ରସ୍ତୁତି<br>(climate change adaptation & mitigation) | • କି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ଜଙ୍ଗଲ ପାଇଁ ବିଶେଷ ରହିଛି, ତଦନୁଯାୟୀ ବଞ୍ଚି ପାରୁଥିବା (ଯଥା : ମରୁଡ଼ିପ୍ରବଣ ଅଞ୍ଚଳରେ ଖଇର ଭଳି ଗଛ ବଞ୍ଚି ରହିପାରେ; ବନ୍ୟାପ୍ରବଣ ଅଞ୍ଚଳରେ ଅର୍ଜୁନ ଭଳି ଗଛ ସହଜରେ ତିଷ୍ଠି ପାରେ) ସ୍ଥାନୀୟ ଗଛଲତାର ସଂରକ୍ଷଣ ଓ ସଂଖ୍ୟା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଛି ।<br>• ପ୍ରାକୃତିକ ବିପର୍ଯ୍ୟୟର ପ୍ରତିକାର ପାଇଁ ଅନ୍ୟାନ୍ୟ ଉପଯୁକ୍ତ(ଯଥା: ବନ୍ୟାରୁ ସୁରକ୍ଷା ପାଇଁ ବନ୍ଧ)  ତଥା ସାଧ୍ୟ ପଦକ୍ଷେପ ହୁଏତ ନିଆଯାଇଛି କିମ୍ବା ନେବା ଦିଗରେ ପ୍ରକ୍ରିୟା ଆରମ୍ଭ କରାଯାଇଛି । |
| ବୈଧାନିକ ଅନୁପାଳନ<br>(statutory compliances) | • ଜଙ୍ଗଲ ପରିଚାଳନା ସଂକ୍ରାନ୍ତୀୟ କମିଟି ଗ୍ରାମସଭା ଦ୍ୱାରା ଗଠିତ ହୋଇଛି ଏବଂ କମିଟିର ସମସ୍ତ ବିବରଣୀ ଗ୍ରାମସଭାରେ ଉପସ୍ଥାପନ କରାଯାଇ ଗ୍ରାମସଭା ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରାଯାଉଛି ।<br>• ଜଙ୍ଗଲ ପାଇଁ ଏକ ସୁପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇଛି ଏବଂ ଏହାକୁ ଗ୍ରାମସଭା ଦ୍ୱାରା ଅନୁମୋଦିତ କରାଯାଇଛି ।<br>• ବନ ବିଭାଗର କାର୍ଯ୍ୟ ଯୋଜନା / ଅଣୁ -ଯୋଜନା ସହିତ ଗ୍ରାମର ଜଙ୍ଗଲ ପରିଚାଳନା ଯୋଜନାର ସମନ୍ୱୟ କରାଯିବାର ଭଲ ମନ୍ଦ ସମସ୍ତ ଦିଗ ବିଚାର କରାଯାଇ ଉପଯୁକ୍ତ ନିଷ୍ପତ୍ତି ନିଆଯାଇଛି । |

| | |
|---|---|
| ସାମାଜିକ ଦାୟିତ୍ୱବୋଧ (social accountability) | • ଜଙ୍ଗଲ ପରିଚାଳନା ପ୍ରସଙ୍ଗରେ ଗ୍ରାମର ସମସ୍ତ ଶ୍ରେଣୀ ଓ ସମୁଦାୟର ଲୋକେ ଭାଗୀଦାର ରହିଛନ୍ତି ।<br>• କମିଟିରେ ମହିଳା ସଦସ୍ୟଙ୍କ ସଂଖ୍ୟା ଅନ୍ତତଃ ଏକ-ତୃତୀୟାଂଶ ରହିଛି ଏବଂ କର୍ମକର୍ତ୍ତାଙ୍କ ମଧ୍ୟରେ ଅନ୍ତତଃ ଦୁଇ ଜଣ ମହିଳା ରହିଛନ୍ତି । ଏହା ବ୍ୟତୀତ, ଗ୍ରାମର ଅନ୍ୟାନ୍ୟ ଅବହେଳିତ ଶ୍ରେଣୀର ଉପଯୁକ୍ତ ପ୍ରତିନିଧିତ୍ୱ ମଧ୍ୟ କମିଟିରେ ସୁନିଶ୍ଚିତ କର ଯାଇଛି ।<br>• ବୈଠକର ଲିଖିତ ବିବରଣୀ ଏବଂ ଆୟବ୍ୟୟ ହିସାବ ଗ୍ରାମର ଯେ କୌଣସି ଗ୍ରାମବାସୀ ପଢ଼ି ପାରିବାର ସୁଯୋଗ ରହିଛି ।<br>• ମହିଳାମାନଙ୍କ ସମ୍ମାନ ଓ ସୁରକ୍ଷା ପାଇଁ ବିଶେଷ ଧ୍ୟାନ ଦିଆଯାଇଛି ।<br>• ଦୁର୍ବଳ ଓ ଅବହେଳିତ ଶ୍ରେଣୀର ଲୋକଙ୍କ ପାଇଁ ସ୍ୱତନ୍ତ୍ର ସୁଯୋଗ ସୁବିଧା ରହିଛି (କାଠ ଆଣିବା ଓ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହର ନିୟମରେ ସ୍ୱତନ୍ତ୍ର ଛାଡ଼ ବା ରିହାତି, ଇତ୍ୟାଦି) ।<br>• ନିଷ୍ପତ୍ତି ଗ୍ରହଣ ବୈଠକରେ ମହିଳା, ତଥା ଦୁର୍ବଳ ଓ ଅବହେଳିତ ଶ୍ରେଣୀର ଲୋକଙ୍କ ସମାନ ଅଧିକାର ସୁନିଶ୍ଚିତ କରାଯାଇ ସେମାନଙ୍କୁ ନିଜର ମତାମତ ଦେବା ପାଇଁ ଉତ୍ସାହିତ କରାଯାଉଛି ଏବଂ ସେମାନଙ୍କ ମତାମତ ବା ଆପତ୍ତି/ଅଭିଯୋଗକୁ ଗୁରୁତ୍ୱର ସହିତ ବିଚାର କରି ସେମାନଙ୍କ ସହିତ ବୁଝାମଣା ଭିତ୍ତିରେ ନିଷ୍ପତ୍ତି କରାଯାଉଛି ।<br>• ଘରପୋଡ଼ି, ଶବ ସଂସ୍କାର ଇତ୍ୟାଦି ସମୟରେ ପ୍ରଭାବିତ ଗରିବ, ଅସହାୟ , ବିଧବା , ଅବିବାହିତା /ସ୍ୱାମୀ ପରିତ୍ୟକ୍ତା ମହିଳା , ଭିନ୍ନକ୍ଷମ ଆଦିଙ୍କ ପାଇଁ ବିନା ମୂଲ୍ୟରେ ଆବଶ୍ୟକ କାଠ ବାଉଁଶ ଆଦି ଜଙ୍ଗଲଜାତ ସାମଗ୍ରୀ ଯୋଗାଇ ଦିଆଯାଉଛି ।<br>• ଜଙ୍ଗଲ ପାଣ୍ଠିର ବଳକା ଅର୍ଥରେ ଗ୍ରାମର ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଛି ।[1]<br>• ଜଙ୍ଗଲ ପରିଚାଳନା ବ୍ୟବସ୍ଥାରେ ବାଳ ଶ୍ରମିକଙ୍କୁ ନିୟୋଜିତ କରାଯାଉନାହିଁ, ଏବଂ ବାହାରୁ ଆସୁଥିବା ଶ୍ରମିକଙ୍କର ନ୍ୟାର୍ଯ୍ୟ ପ୍ରାପ୍ୟ ଠିକ ସମୟରେ ଦିଆଯାଉଥିବା ବେଳେ ଶ୍ରମିକ ହିସାବରେ କାମ କରୁଥିବା ନିଜ ଗ୍ରାମର ଗ୍ରାମବାସୀଙ୍କର ପାରିଶ୍ରମିକ ମଧ୍ୟ ଉଦାରତା ସହକାରେ ଦିଆଯାଉଛି ।[2] |

[1] ଗ୍ରାମବାସୀଙ୍କର ଆବଶ୍ୟକତା ତଥା ଉପଲବ୍ଧ ପାଣ୍ଠିର ପରିମାଣ ଅନୁଯାୟୀ ଏହା ବିଭିନ୍ନ ପ୍ରକାରେ କରାଯାଇପାରେ , ଯଥା : ସଡ଼କ ନିର୍ମାଣ/ମରାମତି , ବିଦ୍ୟାଳୟ ନିର୍ମାଣ/ମରାମତି, ଗରିବ ଛାତ୍ରଛାତ୍ରୀଙ୍କୁ ତଥା ଅସହାୟ ଲୋକଙ୍କୁ ଆର୍ଥିକ ସହାୟତା , ଇତ୍ୟାଦି । ଓଡ଼ିଶାରେ ଏଭଳି କିଛି ସୁନ୍ଦର ଉଦାହରଣ ଜଙ୍ଗଲ ଅଧିକାର ଆଇନ ଆସିବାର ଯଥେଷ୍ଟ ପୂର୍ବରୁ ମଧ୍ୟ ସୃଷ୍ଟି ହୋଇଥିଲା, ଏବଂ ଏହି ଆଇନ ସେ ଦିଗରେ ନୂତନ ସମ୍ଭାବନା ସୃଷ୍ଟି କରିଛି ।

[2] ଗ୍ରାମବାସୀ ନିଜେ ଯେଉଁଠି ଶ୍ରମିକ ଏବଂ ମାଲିକ, ସେଠାରେ ସେମାନେ କିଭଳି ଉପକୃତ ହୋଇପାରନ୍ତି, ତା'ର ଏକ ଦୃଷ୍ଟାନ୍ତ କଳାହାଣ୍ଡି ଜିଲ୍ଲାର ଜାମଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି ଯେଉଁଠି ଗ୍ରାମବାସୀ ନିଜ ଜଙ୍ଗଲରୁ ନିଜେ ବାଉଁଶ କାଟି ବିକ୍ରି କରିବା ପରେ ପର୍ଯ୍ୟାପ୍ତ ପାରିଶ୍ରମିକ ପାଇବା ସହିତ ବିଭିନ୍ନ ପ୍ରକାରେ ଉପକୃତ ହୋଇଛନ୍ତି ବୋଲି ତଥ୍ୟ ରହିଛି ।

| | |
|---|---|
| ଆର୍ଥିକ ସ୍ୱଚ୍ଛତା, ଓ ଅର୍ଥନୈତିକ ସୁବ୍ୟବସ୍ଥା<br>(financial transparency & management; economic development) | • ଜଙ୍ଗଲ ପରିଚାଳନା କମିଟିରେ ଜଣେ କୋଷାଧ୍ୟକ୍ଷ ରହି ସମସ୍ତ ଆର୍ଥିକ କାରବାର ଦକ୍ଷତା ସହକାରେ ବୁଝୁଛନ୍ତି ।<br>• କମିଟି ପକ୍ଷରୁ ଏକ ବ୍ୟାଙ୍କ ଖାତା ଖୋଲାଯାଇ ସମସ୍ତ (ଧରାଯାଉ ୨୦୦ ଟଙ୍କାରୁ ଉର୍ଦ୍ଧ୍ୱ) କାରବାର ବ୍ୟାଙ୍କ ମାଧ୍ୟମରେ କରାଯାଉଛି ।<br>• ଜଙ୍ଗଲ ପରିଚାଳନା ଯୋଜନାରେ କରାଯାଇଥିବା ଆର୍ଥିକ ଯୋଜନା ଅନୁଯାୟୀ ବାର୍ଷିକ ଆୟ ବ୍ୟୟ ପରିଚାଳିତ ହେଉଛି ।<br>• ବିଧାୟକ ପାଣ୍ଠି ଏବଂ ଅନ୍ୟାନ୍ୟ ସରକାରୀ /ବେସରକାରୀ ସୂତ୍ରରୁ ଜଙ୍ଗଲର ଉନ୍ନତି ପାଇଁ ପାଣ୍ଠି ଯୋଗାଡ଼ କରାଯାଉଛି ଏବଂ ଦାନ ଦେଇଥିବା ଅନୁଷ୍ଠାନର ପ୍ରତିନିଧିଙ୍କୁ ନିମନ୍ତ୍ରଣ କରି ଦାନ ଟଙ୍କାର  କିଭଳି ସଦୁପଯୋଗ କରାଯାଇଛି , ତାହା ଦେଖାଇ ଦିଆଯାଉଛି (ଯାହା ଫଳରେ ସେମାନଙ୍କ ବିଶ୍ୱାସ ବଢୁଛି ଏବଂ ଭବିଷ୍ୟତରେ ଅଧିକ ସାହାଯ୍ୟ ମିଳିବାର ସମ୍ଭାବନା ରହୁଛି ) ।<br>• ସମସ୍ତ ଆୟବ୍ୟୟର ଲିଖିତ ବିବରଣୀ (ରେଜିଷ୍ଟର, ରସିଦ ବହି, ଇତ୍ୟାଦି ) ରଖା ଯାଉଛି ।<br>• ସରକାରୀ ନିର୍ଦ୍ଦେଶ ପ୍ରଯୁଜ୍ୟ ହେବା ସ୍ଥଳେ ତଦନୁଯାୟୀ ବାହ୍ୟ ସମୀକ୍ଷକ (ଅଡ଼ିଟର)ଙ୍କ ଦ୍ୱାରା ଆୟ-ବ୍ୟୟର ବାର୍ଷିକ ସମୀକ୍ଷା କରାଯାଉଛି । |
| ଆନୁଷ୍ଠାନିକ ଶୃଙ୍ଖଳା<br>(institutional discipline) | • ଜଙ୍ଗଲ ପରିଚାଳନା କମିଟିର ବୈଠକ ନିୟମିତ ଭାବେ ପ୍ରତି ମାସରେ ଅନ୍ତତଃ ଥରେ ବସୁଛି ଏବଂ ସ୍ଥିତିର ଉପଯୁକ୍ତ ସମୀକ୍ଷା ପରିପ୍ରେକ୍ଷୀରେ ହୋଇଥିବା ଆଲୋଚନା ତଥା ନିଷ୍ପତ୍ତିର ସ୍ପଷ୍ଟ ବିବରଣୀ ଲିଖିତ ରହୁଛି ।<br>• କମିଟିର ଜଣେ ସଭାପତି , ଜଣେ ଉପସଭାପତି , ଜଣେ ସମ୍ପାଦକ , ଜଣେ ସହ ସମ୍ପାଦକ , ଜଣେ କୋଷାଧ୍ୟକ୍ଷ ଇତ୍ୟାଦି ରହିଛନ୍ତି ।<br>• କମିଟି ବୈଠକରେ ଅନ୍ୟୂନ ୬୦ % ରୁ ୭୦ % ସଦସ୍ୟଙ୍କ ଉପସ୍ଥିତି 'କୋରମ' ପାଇଁ ସ୍ଥିର କରା ଯାଇଛି ।<br>• ବୈଠକର ଲିଖିତ ବିବରଣୀ ସର୍ବ ସାଧାରଣଙ୍କ ଅବଗତି ପାଇଁ ଉପଲବ୍ଧ ରହୁଛି । |

---

**ବିଶେଷ ଦ୍ରଷ୍ଟବ୍ୟ: ଅଧିକ ବିବରଣୀ ତଥା ତଥ୍ୟଗୁଡ଼ିକର ଆଧାର ବା ସୂତ୍ର ସମ୍ପର୍କରେ ଜାଣିବା ପାଇଁ ଏହାର ଇଂରାଜୀ ସଂସ୍କରଣ 'CRITERIA & INDICATORS  FOR SFM IN COMMUNITY FORESTRY'(ଯାହା 'ନିର୍ମାଣ' ୱେବସାଇଟରେ ଉପଲବ୍ଧ) ଦେଖିବାକୁ ଅନୁରୋଧ  ।**




ପୋଡୁଚୁଆଁ ଗ୍ରାମ(ରାୟଗଡ଼ା ଜିଲ୍ଲା)ର ଗୋଷ୍ଠୀ ଜଙ୍ଗଲ ସମ୍ପଦର ମାନଚିତ୍ର




ପ୍ରିଏଡ଼ି ଗ୍ରାମସଭା(କନ୍ଧମାଳ) ଅନୁମୋଦିତ ଗୋଷ୍ଠୀ ଜଙ୍ଗଲ ପରିଚାଳନା ଯୋଜନା (ସିଏସଡ଼ି ଟ୍ରଷ୍ଟ ସହଯୋଗରେ ପ୍ରକାଶିତ )




କନ୍ଧମାଳ ଜିଲ୍ଲା ଗ୍ରୀନବାଡ଼ି ପଞ୍ଚାୟତର ଏକ ଗ୍ରାମରେ ସରକାରୀ ଯୋଜନାର ସଦୁପଯୋଗ କରି ଫୁଲ ଝାଡୁ ଚାଷ ଆର୍ଥିକ ଦୃଷ୍ଟିରୁ ଲାଭଜନକ ହେବା ସହିତ ଜଙ୍ଗଲ ଯାଇ ଝାଡୁ ସଂଗ୍ରହର ପରିଶ୍ରମରୁ ରକ୍ଷା କରିବ ଏବଂ ଜଙ୍ଗଲ ଉପରେ ମଧ୍ୟ ଚାପ ହ୍ରାସ କରିବାରେ ସାହାଯ୍ୟ କରିବ ।







ଉନ୍ନତ କାଠ ଚୁଲୀ(ଯେପରିକି 'ନିର୍ମାଣ' ପକ୍ଷରୁ ବିତରିତ) ଦ୍ୱାରା କାଠ ଖର୍ଚ୍ଚ ଅନେକ କମିଥାଏ ଏବଂ ଏହାର ଅଭାବରେ କିଛି ନ ହେଲେ ପାରମ୍ପରିକ କାଠ ଚୁଲୀକୁ ମଧ୍ୟ ଦୁଇ ଅଥବା ତିନି 'ପଖା' ବିଶିଷ୍ଟ କରାଯାଇପାରେ(କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ରାଇସିଲ ଗ୍ରାମରେ ନିଆଯାଇଥିବା ଫଟୋ) ଯେପରିକି ଗୋଟିଏ ଥରରେ ଦୁଇ ବା ତିନୋଟି ରୋଷେଇ ହୋଇପାରିବ ଯାହା ସମୟ ବଞ୍ଚାଇବା ସହିତ ଜାଳେଣୀ ମଧ୍ୟ ବଞ୍ଚାଇବ ।




'ବସୁନ୍ଧରା', 'କ୍ରେଫ୍‌ଡ଼ା', ତଥା ଜିଲ୍ଲା ପ୍ରଶାସନଙ୍କ ସହଯୋଗ କ୍ରମେ ମିଳିଥିବା ଗୋଷ୍ଠୀଗତ ଅଧିକାରକୁ ସାବ୍ୟସ୍ତ କରି ଶିମିଳିପାଳ ଅଭୟାରଣ୍ୟ ଅନ୍ତର୍ଗତ ବିଲାପଘା ଗ୍ରାମସଭା ପକ୍ଷରୁ ଖଲିପତ୍ର ସଂଗ୍ରହକାରୀ ବ୍ୟବସାୟୀଙ୍କୁ ଦିଆଯାଇଥିବା (ମୟୁରଭଞ୍ଜ)'ପରମିଟ' ଯାହା ଲଘୁବନଜାତ ଦ୍ରବ୍ୟର ବ୍ୟବସାୟକୁ ନିୟନ୍ତ୍ରଣ କରିବା ସହିତ ନିଜସ୍ୱ ଆୟ ବୃଦ୍ଧିରେ ମଧ୍ୟ ସାହାଯ୍ୟ କରିଥାଏ । ଅଭୟାରଣ୍ୟ ଭଳି ସମ୍ବେଦନଶୀଳ ଅଞ୍ଚଳରେ ଜଙ୍ଗଲ ଅଧିକାରକୁ ଅଧିକ ସତର୍କତା ତଥା ନିଷ୍ଠା ସହକାରେ ପାଳନ କରିବା ଏକ ଆଦର୍ଶ ସୃଷ୍ଟି କରିପାରିବ । ('ପରମିଟ'ର କାର୍ବନ ପ୍ରତିଲିପି ଦେଖିବା ତଥା ଫଟୋ ଉଠାଇବାର ଅନୁମତି ବିଲାପଘା ଗ୍ରାମବାସୀଙ୍କ ସୌଜନ୍ୟରୁ ପ୍ରାପ୍ତ)




FORM OF AGREEMENT

This Agreement made this................day of 29./04./2017 BETWEEN The Gramsabha of Kalipur ................. (Dist:-Kalahandi.......) of Orissa and Shri....Chirag......patel............ Son of Shri....Dineshbhai patel..........Of residing at Raitoly...Gondia...town,post....Gondia..Dist....Gondia..(Maharashtra)( hereafter called as purchaser) carrying on business in the firm, name of M/s Bhawana patta company at.......Gondia of limited a company registered under companies Act, 1956 (1 of 1956)/* The Indian Company Act 1913 / and having its registered office at....Gondia.....* a society registered under the Bombay/ Maharashtra Society Act 1925/1960 and having

'ଆରସିଡିସି ' ସହଯୋଗରେ ମିଳିଥିବା ଗୋଷ୍ଠୀଗତ ଜଙ୍ଗଲ ଅଧିକାରକୁ ସାବ୍ୟସ୍ତ କରି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କାଳୀପୁର ଗ୍ରାମସଭା ନିଜେ ପ୍ରତ୍ୟକ୍ଷ କେନ୍ଦୁପତ୍ର ବ୍ୟବସାୟ ପାଇଁ ନିଷ୍ପତ୍ତି କରି କେନ୍ଦୁପତ୍ର ବ୍ୟବସାୟୀଙ୍କ ସହିତ ସ୍ୱାକ୍ଷର କରିଥିବା ଚୁକ୍ତିପତ୍ର । ଯେଉଁ ଗ୍ରାମବାସୀ ଦିନେ କେବଳ କେନ୍ଦୁପତ୍ର ତୋଳାଳି ରୂପେ ପରିଚିତ ଥିଲେ, ଜଙ୍ଗଲ ଅଧିକାର ଆଇନ ଦେଇଥିବା ସୁଯୋଗ ବଳରେ ସେମାନେ ଆଜି କେନ୍ଦୁପତ୍ର ଉତ୍ପାଦନକାରୀ ରୂପେ ଅଧିକ ମର୍ଯ୍ୟାଦାଜନକ ତଥା ବ୍ୟାପକ ଦାୟିତ୍ୱସମ୍ପନ୍ନ ଏକ ପରିଚୟ ସୃଷ୍ଟି କରିଛନ୍ତି (ଚୁକ୍ତିପତ୍ରର ପ୍ରତିଲିପି ଦେଖିବା ତଥା ଫଟୋ ଉଠାଇବାର ଅନୁମତି କାଳୀପୁର ଗ୍ରାମବାସୀଙ୍କ ସୌଜନ୍ୟରୁ ପ୍ରାପ୍ତ ) ।